## ସଂକ୍ଷେପରେ

### ଟ୍ରାକ୍ଟରରୁ ଖସିପଡ଼ି ଚାଳକ ମୃତ

ବାସୁଦେବପୁର, ୫।୮ (ନାରାୟଣ ପ୍ରସାଦ ବାରିକ୍)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବିରସ ଗ୍ରାମର ପୂର୍ଣ୍ଣଚନ୍ଦ୍ର ପଲେଇ(୪୦) ଶନିବାର ଅପରାହ୍ନରେ ଟ୍ରାକ୍ଟରରୁ ଖସିପଡ଼ିବାରୁ ମୃତ୍ୟୁ ଘଟିଛି। ସେ ନିଜ ଟ୍ରାକ୍ଟର ଚଲାଇ ନିକଟସ୍ଥ ଗୋଠଆଡ଼ିଆ ଗ୍ରାମରୁ ଫେରୁଥିବା ବେଳେ ହଠାତ୍ ରାସ୍ତାରେ ତଳକୁ ଖସି ପଡ଼ିଥିଲେ। ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଅଣ୍ଟା ଓ ପିଠିରେ କ୍ଷତ ହୋଇଥିଲା। ସେ କେଉଁ ପରିସ୍ଥିତିରେ ଟ୍ରାକ୍ଟର ତଳକୁ ଖସିପଡ଼ିଲେ ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ନାୟକାଣିଡିହୀ ଥାନା ପୋଲିସ ଘଟଣାର ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

### ଅଜଣା ଗାଡ଼ି ଧକ୍କାରେ ଫେରିବାଲା ମୃତ

ପାଟଣା,୫।୮ (ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ନମ୍ବର ଜାତୀୟ ରାଜପଥର ତୁରୁମୁଙ୍ଗା ଥାନା ଏଚପି ପେଟ୍ରୋଲ ପମ୍ପ ନିକଟରେ ଶୁକ୍ରବାର ଏକ ଅଜଣା ଗାଡ଼ିଧକ୍କାରେ ଜଣେ ଫେରିବାଲାଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ପଶ୍ଚିମବଙ୍ଗ ରାଜ୍ୟ ପଶ୍ଚିମମେଦିନୀ ପୁର ଜିଲା କେସିପୁର ଥାନା ଶଙ୍କର ପୁର ଗ୍ରାମର ଏସ କେ ସାହାଲାମ (୨୩)। ଖବର ପାଇ ତୁରୁମୁଙ୍ଗା ପୋଲିସ ଜେନ୍ଦୁଝରରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ତୁରୁମୁଙ୍ଗା ଥାନାରେ ମାମଲା (ନଂ.୧୧୧/୨୩)ରୁଜୁ ହୋଇଛି।ଆହତ ଜଣକ ଏସ କେ ଆଲା ଇଦିନ(୩୦)।ସେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।

### ବାଳାଶ୍ରମରୁ ନିଖୋଜ ଶିଶୁ ଉଦ୍ଧାର

କେନ୍ଦୁଝର, ୫।୮(ଦୀପକ ମିଶ୍ର): କେନ୍ଦୁଝର ସଦର ବିଷ୍ଣୁପ୍ରିୟା ବାଳାଶ୍ରମ, ମଠଡିହରୁ ନିଖୋଜ ହୋଇଥିବା ୫ମ ଶ୍ରେଣୀର ଛାତ୍ରଙ୍କୁ କେନ୍ଦୁବାହାଲିଠାରୁ ଉଦ୍ଧାର କରାଯାଇଛି। ଜୁନ୍ ୨୬ ତାରିଖରୁ ବାଳାଶ୍ରମରୁ କେଉଁଆଡେ ପଳେଇଥିଲେ। କେନ୍ଦୁଝର ଜିଲା ଆଇନସେବା ପ୍ରାଧିକରଣ ସଚିବ ମାମି ବେହେରା ବିଷ୍ଣୁପ୍ରିୟା ବାଳାଶ୍ରମ ଶିଶୁ ଯତ୍ନ ପ୍ରତିଷ୍ଠାନ ପରିଦର୍ଶନରେ ଯାଇଥିବାବେଳେ ଏ ସମ୍ପର୍କରେ ଅବଗତ ହୋଇଥିଲେ। ଆଇନସେବା ପ୍ରାଧିକରଣ କେନ୍ଦୁଝରଙ୍କ ହସ୍ତକ୍ଷେପ ଫଳରେ ଦୀର୍ଘଦିନ ପରେ ଶିଶୁଟିକୁ କେନ୍ଦୁବାହାଲି ଛକ ନିକଟରୁ ଉଦ୍ଧାର କରାଯାଇଛି। ଶିଶୁଟିର କାଉନ୍ସେଲିଂ କରାଯିବା ପରେ ତାଙ୍କୁ ଶିଶୁ ମଙ୍ଗଳ ଅଧିକାରୀଙ୍କ ନିକଟରେ ହାଜର କରାଯିବ ବୋଲି ଜଣାପଡ଼ିଛି।

### ବେତନଟୀରେ ଯୋଗଦେଲେ ନୂତନ ବ୍ଲକ ଶିକ୍ଷା ଅଧିକାରୀ

ବୈଶିଙ୍ଗା,୫।୮ (ରତନ ଦାଶ)- ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ ଭାବେ ବିପ୍ଳବ କର ଶୁକ୍ରବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ପୂର୍ବରୁ



ଶ୍ୟାମାଖୁଣ୍ଟାରେ ବ୍ଲକରେ ଏବିଇଓ ଥିଲେ। ଏହି ଅବସରରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସହ ଓଷ୍ଟା ଏବଂ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଏକ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋପାଳ ଚନ୍ଦ୍ର ସେନାପତି ଓ ରମାକାନ୍ତ ମହାନ୍ତ ପୁଷ୍ପଗୁଚ୍ଛ ପ୍ରଦାନ କରି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସ୍ୱାଗତ କରିଥିଲେ।

### ବିଦେଶୀ ମଦ ଜବତ, ୪ ଗିରଫ

ଚାନ୍ଦବାଲି,୫।୮ (କିଶାନ ପାତ୍ର)-ଭଦ୍ରକ ଜିଲା ଅବକାରୀ ନିରୀକ୍ଷକଙ୍କ ନିର୍ଦ୍ଦେଶରେ ଚାନ୍ଦବାଲି ଏସ୍ଆଇ ଅଭିଳାସ ପାଲ ଓ ତାଙ୍କ ଟିମ୍ ଶୁକ୍ରବାର ବିଳମ୍ବିତ ରାତିରେ ପୃଥକ୍ ସ୍ଥାନରେ ଚଢ଼ାଉ କରି ପ୍ରାୟ ୩୦ ଲିଟର ବିଦେଶୀ ମଦ ଜବତ କରିଛନ୍ତି। ଏଥିସହ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଖେରଙ୍ଗ ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ମାଝୀ, ମାନସ ମାଝୀ, ମହୁଲିଆ ଅଞ୍ଚଳର କ୍ଷୀରୋଦ ମହଲା ଓ ମାଠସାହିର ବିଶ୍ୱମୋହନ ଦାଶ। ଏନେଇ ୪ଟି ମାମଲା(ନଂ.୫୯/୨୩, ୬୦/୨୩, ୬୧/୨୩, ୬୨/୨୩) ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# 'ବିପନ୍ନଙ୍କ ପାଇଁ ଖାଦ୍ୟ, ପାନୀୟ ବ୍ୟବସ୍ଥା କରାଯାଇଛି'



ସମୀକ୍ଷା ବୈଠକରେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ବିଧାୟକମାନେ।

ଭଦ୍ରକ,୫।୮ (ସନାତନ ରାଉତ)

**ବନ୍ୟା ସ୍ଥିତି ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ**

ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ବୈତରଣୀ ନଦୀ ବନ୍ୟାରେ ପ୍ରଭାବିତ ଭଦ୍ରକ ଜିଲାର ସ୍ଥିତି ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ ଅଫିସ୍‌ର ସାଳନ୍ଦୀ ସଭାଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମନ୍ତ୍ରୀ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କଠାରୁ ଧାମନଗର, ଭଣ୍ଡାରିପୋଖରୀ, ତିହିଡ଼ି, ଚାନ୍ଦବାଲି ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତି ସମ୍ପର୍କରେ ଅବଗତ ହୋଇଥିଲେ। ଭଣ୍ଡାରିପୋଖରୀ ବ୍ଲକର ୧୬୪, ତିହିଡ଼ିର ୪୫୪, ଧାମନଗରର ୩୭ ହଜାର ୪୯୯ ମୋଟ ୩୮ ହଜାର ୧୧୭ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଏହି ୩ ବ୍ଲକର ୬୧ ପଞ୍ଚାୟତର ୩୨୬ଟି ଗାଁ ପ୍ରଭାବିତ ହୋଇଥିବା ବେଳେ ୧ ଲକ୍ଷ ୮୧ ହଜାର ୬୬୭ ଲୋକ ପ୍ରଭାବିତ ହୋଇଛନ୍ତି। ସେହିପରି ୩୨୦୦ ହେକ୍ଟର ଚାଷଜମି ପ୍ରଭାବିତ ହେବା ସହ ୬ ହଜାର ଗୃହପାଳିତ ପ୍ରାଣୀ ପ୍ରଭାବିତ ହୋଇଛନ୍ତି ବୋଲି ବୈଠକରେ ତଥ୍ୟ ଉପସ୍ଥାପନ କରାଯାଇଥିଲା। ମନ୍ତ୍ରୀ କହିଥିଲେ, ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯିବା ସହ ଖାଦ୍ୟ ଓ ପାନୀୟ ଜଳ ଯୋଗାଇବାର ବ୍ୟବସ୍ଥା କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ବନ୍ୟାଜନିତ ମୃତ୍ୟୁର କୌଣସି ଖବର ନାହିଁ। ଯଦି ସେମିତି ଘଟଣା ସାମ୍ନାକୁ ଆସେ ସରକାରଙ୍କ ରିଲିଫ୍ କୋଡ୍ ଅନୁଯାୟୀ ସହାୟତା ଦିଆଯିବ। ଏନ୍‌ଡିଆର୍‌ଏଫ୍ ଏବଂ ଓଡ୍ରାଫ୍ ଟିମ୍ ବନ୍ୟା ଅଞ୍ଚଳରେ ମୁତୟନ ରଖାଯାଇଛି ବୋଲି କହିଥିଲେ। ବୈଠକରେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ,ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ଏସ୍‌ପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ରାମଦାସ ଟୁଡୁ, ଉପଜିଲାପାଳ ମନୋଜ ପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ସନ୍ତୋଷ କୁମାର ପାତ୍ରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଧାମନଗର ବନ୍ୟାଞ୍ଚଳ ପରିଦର୍ଶନ

ଧାମନଗର,୫।୮
(ଦେବେନ୍ଦ୍ର ଆଡ଼ିଆ/ସନ୍ତୋଷ କୁମାର ମହାପାତ୍ର)

ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଶୁକ୍ରବାର ଅପରାହ୍ନରେ ଧାମନଗରର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ସହ ବ୍ଲକ ସଭାଗୃହରେ କ୍ଷୟକ୍ଷତିକୁ ନେଇ ସମୀକ୍ଷା କରିଛନ୍ତି। କ୍ଷୟକ୍ଷତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବେ ଓ ବନ୍ୟା ଘେରରେ ଥିବା ଲୋକଙ୍କୁ ୭ ଦିନ ପାଇଁ ରିଲିଫ, ଗୃହପାଳିତ ପ୍ରାଣୀଙ୍କ ଲାଗି ଗୋଖାଦ୍ୟ ଏବଂ ଘର ଭାଙ୍ଗିଥିବା ପରିବାରକୁ ପଲିଥିନ ଯୋଗାଇ ଦେବାର ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ କହିଥିଲେ। ସେହିପରି ବନ୍ୟା ଛାଡ଼ିଲେ କ୍ଷତିଗ୍ରସ୍ତ ରାସ୍ତାଘାଟର ଆକଳନ କରାଯାଇ ତାହା ତୁରନ୍ତ ମରାମତି କରାଯିବ ଏବଂ ଯେଉଁ ଲୋକଙ୍କ ଘର ବନ୍ୟାରେ ଭାଙ୍ଗିଛି ତାହାର ତଦନ୍ତ କରାଯାଇ କ୍ଷତିପୂରଣ ଦିଆଯିବ ବୋଲି ମନ୍ତ୍ରୀ ମଲ୍ଲିକ ସୂଚନା ଦେଇଥିଲେ। ଧାମନଗର ପଞ୍ଚାୟତ ସମିତି ସଭା ଗୃହରେ ଆୟୋଜିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଏନ୍ଏସି ଅଧ୍ୟକ୍ଷା ନିବେଦିତା ଜେନା, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ଉପଜିଲାପାଳ ମନୋଜ ପାତ୍ର, ବିଡିଓ ବନ ବିହାରୀ ଦିଣ୍ଡା, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ, ଏବିଡିଓ ଶର୍ମିଷ୍ଠା ମଲ୍ଲିକ, ଅତିରିକ୍ତ ତହସିଲଦାର ସାଇ ସିଲୋନା, ଜିଲାପରିଷଦ ସଦସ୍ୟାଙ୍କ ପ୍ରତିନିଧି ପ୍ରତାପ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଟମାଟୋକୁ ନେଇ ଛୁରାମାଡ଼ ଦୁଇ ଗିରଫ

ଘସିପୁରା/ଆନନ୍ଦପୁର,୫।୮
(ନିରଞ୍ଜନ ସାହୁ/ସନ୍ତୋଷ ରାଉତ)

ଘସିପୁରା ଥାନା ବାଲିପାଳ ହାଟ ପଡ଼ିଆରେ ଟମାଟୋକୁ ନେଇ ଶୁକ୍ରବାର ଛୁରାମାଡ଼ ହୋଇଛି। ଏଥିରେ ଜଣେ ଗୁରୁତର ହୋଇଥିବା ବେଳେ ଅନ୍ୟଜଣେ ଆହତ ହୋଇଛନ୍ତି। ଘଟଣାକୁ ନେଇ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ନୀତିନ ନାୟକ ଓ ହରେକୃଷ୍ଣ ନାୟକ।

ସୂଚନା ଅନୁଯାୟୀ, ଦିଲ୍ଲୀପ ମୁଖି ନିୟମିତ ବାଲିପାଳ ହାଟପଡ଼ିଆକୁ ଝାଡୁ କରିଥାନ୍ତି। ଏହା ବଦଳରେ ହାଟପାଳି ଦିନ ବ୍ୟବସାୟୀମାନେ ତାଙ୍କୁ ୫ ଟଙ୍କା ଲେଖାଏଁ ପାଉଣା ଦେବା ସହିତ କିଏ କେମିତି ପନିପରିବା ମଧ୍ୟ ଦେଇଥାନ୍ତି। ଶୁକ୍ରବାର ହାଟରୁ ଜନୈକ ପରିବା ଦୋକାନରୁ ଜଣେ କେହି ୧ କିଲୋ ବିଲାତି ନେବା ଘଟଣାରେ ବ୍ୟବସାୟୀ ଦିଲ୍ଲୀପଙ୍କୁ ସନ୍ଦେହ କରି ପଇସା ମାଗିଥିଲେ। ଘଟଣାକୁ ନେଇ ବଚସାରୁ ବ୍ୟବସାୟୀ ନୀତିନ ଓ ହରେକୃଷ୍ଣ ମିଶି ଝାଡୁଦାର ଓ ଅଭିଜିତ୍ ବିନ୍ଧାଣଙ୍କୁ ଆକ୍ରମଣ କରିଥିଲେ। ଅଭିଯୋଗ ଆଧାରରେ ଘସିପୁରା ଥାନାରେ ମାମଲା (ନଂ. ୨୬୨/୨୩) ରୁଜୁ ହୋଇଛି। ଦୁଇ ଜଣଙ୍କୁ ଗିରଫ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ବିବସ୍ମ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ଅମୃତ ଭାରତ ଷ୍ଟେଶନ ଯୋଜନାରେ ଜଳେଶ୍ୱର


ଖବରଦାତା ସମ୍ମିଳନୀରେ ରେଲୱେ ଅଧିକାରୀମାନେ।

ଜଳେଶ୍ୱର, ୫।୮ (ରବିନାରାୟଣ ପାତ୍ର)

**ଖଡଗପୁର ରେଳ ଡିଭିଜନର ୧୭ ଷ୍ଟେଶନର ବିକାଶ ହେବ**

ଦେଶରେ ରେଳଷ୍ଟେଶନଗୁଡିକର ନବୀକରଣ ଓ ଆଧୁନିକୀକରଣ ଲାଗି ଅମୃତଭାରତ ଷ୍ଟେଶନ ଯୋଜନା କାର୍ଯ୍ୟକାରୀ ହେଉଛି। ଏଥିରେ ଓଡିଶାର ୫୭ଟି ଷ୍ଟେଶନ ଲାଗି ୫୩୧.୮ କୋଟି ଟଙ୍କା ବ୍ୟୟ ହେଉଥିବା ବେଳେ ଖଡଗପୁର ରେଳ ଡିଭିଜନ୍‌ର ୧୭ଟି ଷ୍ଟେଶନର ବିକାଶ ହେବ ବୋଲି ଜଣାଯାଇଛି। ସେଥିରୁ ପ୍ରଥମ ପର୍ଯ୍ୟାୟରେ ୭୭ କୋଟି ବ୍ୟୟରେ ଜଳେଶ୍ୱର, ବାରିପଦା ଓ ଘାଟଶିଳା ରେଳଷ୍ଟେଶନର ବିକାଶ ଲାଗି ପ୍ରଧାନମନ୍ତ୍ରୀ ଆସନ୍ତା ୬ତାରିଖରେ ଯୋଜନାର ଲୋକାର୍ପଣ କରୁଥିବା ଖଡଗପୁର ରେଳ ଡିଭିଜନ୍‌ର ଡିଆର୍‌ଏମ୍ କେ.ଆର୍ ଚୌଧୁରୀ ଖଡଗପୁର ଡିଭିଜନ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି।

ଦେଶରେ ୧୩୦୯ଟି ରେଳଷ୍ଟେଶନ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୫୦୮ଟିର ପୁନଃ ନିର୍ମାଣ ଓ ନବୀକରଣ ହେବାକୁ ଯାଉଥିବା ବେଳେ ଖଡଗପୁର ରେଳ ଡିଭିଜନ୍‌ର ୧୭ଟି ସ୍ଥାନ ପାଇଛି। ଆସନ୍ତା ୬ତାରିଖରେ ଆଭାସୀ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାର୍ଯ୍ୟର ଶୁଭାରମ୍ଭ କରିବେ। ଓଡିଶାରୁ ମୋଟ ୨୫ଟି ରେଳ ଷ୍ଟେଶନର ନବୀକରଣ ହେଉଥିବା ବେଳେ ଖଡଗପୁର ଡିଭିଜନ୍‌ରୁ ୨ଟି ଓ ଇଷ୍ଟକୋଷ୍ଟ ଜୋନ୍‌ରୁ ୨୩ଟି ରହିଥିବା କହିଥିଲେ । ଜଳେଶ୍ୱର ରେଳଷ୍ଟେଶନ ଲାଗି ୨୩ କୋଟି ମଞ୍ଜୁରୀ ହୋଇଥିବା ବେଳେ ୨ବର୍ଷରେ ଏହାର କାର୍ଯ୍ୟ ଶେଷ ହେବ ବୋଲି ସେ କହିଛନ୍ତି। ଗାଡିଗୁଡିକର ପାର୍କିଂ ସ୍ଥାନ, ଡ୍ରପିଂ ଜୋନ୍, ଫୁଡ ପ୍ଲାଜା, ପୁରୁଣା ଷ୍ଟେଶନକୁ ନବୀକରଣ ଓ ଷ୍ଟେଶନର ପୂର୍ବପଟେ ନୂତନ ବିଲ୍ଡିଂ ନିର୍ମାଣ, ଜଳେଶ୍ୱରରେ ୨୪ ମିଟିର ଲମ୍ବର ଫୁଟ ଓଭରବ୍ରିଜ୍ ସମ୍ପର୍କରେ ସୂଚନା ଦେଇଥିଲେ। ବାଲେଶ୍ୱର ଓ ସାଲିମାର ଦୁଇଟି ରେଳଷ୍ଟେଶନକୁ ୱାର୍ଲ୍ଡ କ୍ଲାସ (ବିଶ୍ୱସ୍ତରୀୟ) କରାଯିବା ଲାଗି ଡିପିଆର୍ ହୋଇଥିବା ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ଡିଆରଏମ୍‌ଙ୍କ ସହିତ ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ ଅଖିଳେଶ୍ୱର କୁମାର, ଏଡିଆର୍‌ଏମ୍ ଗିରିଶ କୁମାର, ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଓମ୍‌ପ୍ରକାଶ ଚୌହାନ, ବରିଷ୍ଠ ମଣ୍ଡଳ ଅପରେଟିଂ ମ୍ୟାନେଜର ଆଲୋକ କ୍ରିଷ୍ଣା, ସିନିୟର ଡିଇଏନ୍ ଅନୁପ ପଟେଲ, ସିନିଅର୍ ଡିଏସ୍‌ସି ଓମ୍‌କାର ସିଂ, ସିନିୟର ଡିପିଓ ଶ୍ରୀରାଜା ପ୍ରମୁଖ ଉପସ୍ଥିତ ଥିଲେ ।

### ଛେଳି ଚୋରି କରି ଜେଲ ଗଲେ

ଆରଡ଼ି, ୫।୮ (ଦୀପ୍ତି ରଞ୍ଜନ ନାୟକ)

ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ ସତ୍‌ସଙ୍ଗବିହାର ନିକଟରୁ ଛେଳି ଚୋରି ଅଭିଯୋଗରେ ୨ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ କୁଲସାହିର ପବନ ମଲିକ(୨୮) ଓ ଆରଡ଼ିର ତ୍ରୈଲୋଚନ ସାହୁ (୪୫)। ସୂଚନା ଅନୁସାରେ, ଗୁରୁବାର ୨ଜଣ କୁଲେଇପଦା ନିକଟସ୍ଥ ସତ୍‌ସଙ୍ଗବିହାର ନିକଟରୁ ଛେଳି ଚରୁଥିବା ବେଳେ ଉଠାଇ ନେଇ ଏକ ବାଇକ୍‌ରେ ଚମ୍ପଟ ମାରୁଥିଲେ। ଦୋହରାପାଟଣାଠାରେ ଧରାପଡ଼ିଥିଲେ। ଗାଁର ଯୁବକମାନେ ସେମାନଙ୍କୁ ଅଟକାଇ ଆରଡ଼ି ଫାଣ୍ଡି ପୋଲିସ ଜିମା ଦେଇଥିଲେ। ଫାଣ୍ଡି ପୋଲିସ ଉଭୟଙ୍କୁ ଧୂଷୁରୀ ଥାନାକୁ ପଠାଇଥିଲା। ଥାନା ପୋଲିସ ସେମାନଙ୍କୁ ଅଟକରଖି ପଚରାଉଚରା କରି ଏକ ମାମଲା (ନଂ.୨୧୨/୨୩) କରିବା ସହ ଶନିବାର କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଭଦ୍ରକ ଜେଲ୍‌କୁ ପଠାଇ ଦିଆଯାଇଛି।

## ନିଖିଳ ଉତ୍କଳ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ ଯୋଡ଼ା (ମାନସ ମହାନ୍ତି)/ ଚମ୍ପୁଆ (ମହେଶ୍ୱର ଦାସ),୫।୮

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ସଦର ବ୍ଲକ୍ ଶାଖା ତରଫରୁ ୩ ଦଫା ସମ୍ବଳିତ ଦାବିପତ୍ର ମଣ୍ଡଳ ଶିକ୍ଷାଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏହି ଅବସରରେ ସଦର ବ୍ଲକ୍ ପରିସରରେ ସଭାପତି ହେମନ୍ତ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ, କନିଷ୍ଠ ଶିକ୍ଷକ ସଂଘ, ବହୁଭାଷୀ ଶିକ୍ଷକ ସଂଘ, ଏକ୍ସ କ୍ୟାଡର ଶିକ୍ଷକ ସଂଘ, ପାର୍ଟ ଟାଇମ ଶିକ୍ଷକ ସଂଘ ସାମିଲ ହୋଇଥିଲେ। ନଭେମ୍ବର ୨୭ରେ ହୋଇଥିବା ଐତିହାସିକ ରାଲିକୁ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ଭଣ୍ଡୁର କରାଯାଇ ଶିକ୍ଷକମାନଙ୍କ ନ୍ୟାର୍ଯ୍ୟ ଦାବି ପୂରଣରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରିଛନ୍ତି। ଏହି ମର୍ମରେ ଆଗାମୀ ଅଗଷ୍ଟ ୧୬ ତାରିଖରୁ ସମୂହ ଛୁଟିରେ ଯିବାକୁ ଶିକ୍ଷକ ସମୂହ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ଉପସଭାପତି ମନୋଜ ମହାନ୍ତ, ଶିକ୍ଷକମାନଙ୍କ ଦାବିପୂରଣରେ ଟାଳଟୁଳ ନୀତି ଅବଲମ୍ବନ କଲେ ଆଗାମୀ ସାଧାରଣ ନିର୍ବାଚନରେ ଏହାର ପ୍ରତିଫଳନ ହେବ ବୋଲି ଚେତାବନୀ ଦେଇଛନ୍ତି।

ସେହିପରି ଯୋଡ଼ା ବ୍ଲକ୍ ଶିକ୍ଷକ ସଂଘ ପକ୍ଷରୁ ଯୋଡ଼ା ବ୍ଲକ୍ ଶିକ୍ଷକ ସଂଘ ଦ୍ୱାରା ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଯୋଡ଼ା ବ୍ଲକ୍ ନିଖିଳ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଲକ୍ଷ୍ମୀକାନ୍ତ ନାଏକ ଓ ସମ୍ପାଦକ ପୁରନ୍ଦର ଗିରି, ପ୍ରତିମା ସାବତ, ଧ୍ରୁବ ଚରଣ ପାତ୍ର, ବସନ୍ତ ପୃଷ୍ଟି, ପୁନାଲ ପାତ୍ର, ପ୍ରଗତି ପରିଡ଼ା, ସୁଲେଖା କାରୁଆ ଆଦି ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅନୁପସ୍ଥିତ ଯୋଗୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିରଞ୍ଚି ନାରାୟଣ ଶତପଥୀ ଦାବିପତ୍ର ଗ୍ରହଣ କରିଥିଲେ।

ଚମ୍ପୁଆ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଚମ୍ପୁଆ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତିରେ ସହକାରୀ ବ୍ଲକ୍ ଶିକ୍ଷା ଅଧିକାରୀ ନରେନ୍ଦ୍ର ନାଏକଙ୍କୁ ଦାବିପତ୍ର ନିଖିଳ ଉତ୍କଳ ଶିକ୍ଷକ ଫେରେଡେସନ ପକ୍ଷରୁ ପ୍ରଦାନ କରାଯାଇଥିଲା।



ଶିକ୍ଷକ ସଂଘର ସଦସ୍ୟମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

### ହାତୀ ଭାଙ୍ଗିଲା ଘର

ମୋରଡା,୫।୮ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ୍ ଅଧୀନ ଅନ୍ଧାରୀ ଗ୍ରାମରେ ହାତୀ ଘର ଭାଙ୍ଗିଛି। ଶନିବାର ଭୋର ସମୟରେ ଏକ ହାତୀ ଗ୍ରାମ ଭିତରକୁ ପ୍ରବେଶ କରିଥିଲା। ଗାଁରେ ହାତୀ ପଶିଥିବା ଶୁଣି ଲୋକେ ଭୟଭୀତ ଅବସ୍ଥାରେ ଥିବାବେଳେ ହାତୀଟି ମଙ୍ଗଲ ମୁର୍ମୁଙ୍କ ଘର ଭାଙ୍ଗି ଦେଇଥିଲା। ତେବେ ଘରେ ଥିବା ତାଙ୍କ ପରିବାର ଲୋକେ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ହାତୀ ଉପରେ କଡ଼ା ନଜର ରଖାଯାଇଥିବା ରେଞ୍ଜର ମହାବୀର ସିଂ ମୁର୍ମୁ କହିଛନ୍ତି।

## କଂଗ୍ରେସ ପ୍ରତିନିଧି ଦଳ ପକ୍ଷରୁ ଅଗ୍ନିବିପନ୍ନ ସହାୟତା

କୁପାରୀ, ୫।୮ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସୁଣ୍ଡିରା ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ନିରଞ୍ଜନ ରାଉଳଙ୍କ ୪ବଖରା ବାସଗୃହ ପୋଡି ଭସ୍ମୀଭୂତ ହୋଇଯାଇଛି। ଶୁକ୍ରବାର ସକାଳେ ପ୍ରଥମେ କଂଗ୍ରେସ ଯୁବନେତା ହିମାଂଶୁ ବେହେରା ତାଙ୍କ ବାସଭବନରେ ପହଞ୍ଚି ବଦାନ୍ୟତାର ପରିଚୟ ଦେଇଛନ୍ତି। ନିରଞ୍ଜନ କାର୍ଯ୍ୟ ଅନ୍ୱେଷଣରେ ବାହାରକୁ ଚାଲିଯାଇଥିବା ବେଳେ ସ୍ତ୍ରୀ ମିଟି ରାଉଳଙ୍କୁ ଶୁଖିଲା ଖାଦ୍ୟ, ପିନ୍ଧା ଲୁଗା ସହିତ ଆର୍ଥିକ ସହାୟତା ପ୍ରଦାନ କରି ମାନବିକତାର ପରିଚୟ ଦେଇଛନ୍ତି। ଆବଶ୍ୟକ ପଡିଲେ ଅଧିକ ସହାୟତା ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ହିମାଂଶୁଙ୍କ ସହ ପୂର୍ବତନ ସରପଞ୍ଚ ବସନ୍ତ କୁମାର ପାତ୍ର, ସିମୁଳିଆ ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା ଓ କୈଳାସ ନାୟକ ପ୍ରମୁଖ ଏହି ଟିମ୍‌ରେ ସାମିଲ ଥିଲେ ।

## ଜ୍ଞାନବିଜ୍ଞାନ ମେଳାରେ ୧୨ ପ୍ରକଳ୍ପ

**ରଚିତାଙ୍କ 'ବର୍ଷାଜଳ ଅମଳ ପ୍ରକଳ୍ପ' ପ୍ରଥମ**

ଖଇରା, ୫।୮ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକର ନଟାପଡା ଛକରେ ଅବସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଶନିବାର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଶଶିକାନ୍ତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ପତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ୧୨ଟି ପ୍ରକଳ୍ପ ସ୍ଥାନିତ ହୋଇଥିବା ବେଳେ ରଚିତା ସାହୁଙ୍କ ବର୍ଷାଜଳ ଅମଳ ପ୍ରକଳ୍ପ ପ୍ରଥମ ସ୍ଥାନ ଅଧିକାର କରିଥିଲା। ସେହିଭଳି ଶ୍ରେୟାଂଶୀ ବାରିକ, ବିଷ୍ଣୁ ପ୍ରସାଦ ଜେନା, ଅନ୍ୱେଷା ବାରିକ, ରାଜଲକ୍ଷ୍ମୀ ନାୟକ, ଶୁଭାଦିତ୍ୟ ମହାନ୍ତି, କସ୍ତୁରୀପ୍ରଭା ବେହେରା, ଆୟୁଷ ରାଉତ, ପାର୍ଥସାରଥି ବେହେରା, ଚନ୍ଦ୍ରଶେଖର ଲେଙ୍କା, ଜନ୍ମେଜୟ ବେହେରା, ରୁଦ୍ର ପ୍ରକାଶ ସାହୁ, ମାନସ ବେହେରା, ଅଙ୍କିତ ଗୁପ୍ତା ବିଭିନ୍ନ ବିଭାଗରେ ସଙ୍କୁଳସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟର ସମସ୍ତ ଗୁରୁମା ଗୁରୁଜୀ ପରିଚାଳନାରେ ସହଯୋଗ କରିଥିଲେ।


ରଚିତା ସାହୁ ନିଜର ପ୍ରକଳ୍ପ ପ୍ରଦର୍ଶିତ କରୁଛନ୍ତି।

# ଉଚ୍ଚତାକୁ ନେଇ ଭ୍ରମାତ୍ମକ ତଥ୍ୟ ପରିବର୍ତ୍ତନ ଦାବି

ବାରିପଦା,୫।୮
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶିମିଳିପାଳ ସ୍ଥିତ ବରେହିପାଣି ଜଳପ୍ରପାତ ଉଚ୍ଚତାକୁ ନେଇ ଭ୍ରମାତ୍ମକ ତଥ୍ୟକୁ ତୁରନ୍ତ ପରିବର୍ତ୍ତନ କରିବାକୁ ଭଞ୍ଜସେନା ପକ୍ଷରୁ ଦାବି ହୋଇଛି । ବନବିଭାଗ ଦ୍ୱାରା ଖୋଲାଯାଇଥିବା ୱେବ ସାଇଟରେ ଦେଖାଯାଉଥିବା ଭୁଲକୁ ଯଥା ଶୀଘ୍ର ପଦକ୍ଷେପ ନେଇ ପ୍ରଶାସନ ଏହାକୁ ଠିକ୍ କରିବା ପାଇଁ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଶନିବାର ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ ଯୋଗେ ଅବଗତ କରିଛନ୍ତି।

ବରେହିପାଣିର ସୁନ୍ଦରତା ପାଇଁ ଦେଶ ବିଦେଶରେ ପ୍ରସିଦ୍ଧି ଲାଭ କରିଛି। ଶିମିଳିପାଳ ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଏହା ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥାଏ। ଶିମିଳିପାଳର କେନ୍ଦ୍ରସ୍ଥଳରେ ଅବସ୍ଥିତ ଏହି ଜଳପ୍ରପାତଟିର ଉଚ୍ଚତା ରହିଛି ୩୯୯ ମିଟର, ଯାହାକୁ ସମଗ୍ର ଭାରତ ବର୍ଷରେ ଦ୍ୱିତୀୟ ଉଚ୍ଚତମ ଏବଂ ଓଡ଼ିଶାର ଉଚ୍ଚତମ ଜଳପ୍ରପାତ ରୂପେ ଜଣାଶୁଣା । କିନ୍ତୁ କିଛି ମାସ ତଳେ ବରେହିପାଣି ଜଳପ୍ରପାତ ନିକଟରେ ଓଡ଼ିଶା ସରକାରଙ୍କର ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ତରଫରୁ ଲଗା ଯାଇଥିବା ସୂଚନା ଫଳକରେ ବରେହିପାଣିର ଉଚ୍ଚତା ୨୧୭ ମିଟର ବୋଲି ଉଲ୍ଲେଖ କରାଯାଇଥିଲା। ଏହା ଦେଖି ସ୍ଥାନୀୟ ବୁଦ୍ଧିଜୀବୀ ଏବଂ ପ୍ରକୃତିପ୍ରେମୀଙ୍କ ଦ୍ୱାରା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବାରୁ ଏହାକୁ ସଂଶୋଧନ କରି ୩୯୯ ମିଟର କରାଯାଇଥିଲା। କିନ୍ତୁ ପର୍ଯ୍ୟଟକଙ୍କୁ ସୂଚନା ପ୍ରଦାନ ନିମନ୍ତେ



**ବରେହିପାଣି ଜଳପ୍ରପାତ**

ଶିମିଳିପାଳ ବନବିଭାଗର ପ୍ରଶାସନ ଦ୍ୱାରା ଖୋଲା ଯାଇ ଥିବା ୱେବ ସାଇଟ ଶିମିଳିପାଳ.ଓଆରଜି(Similipal. Org) ରେ ଏବେ ମଧ୍ୟ ବରେହି ପାଣିର ଉଚ୍ଚତାକୁ ନେଇ ପୂର୍ବରୁ ଭୁଲ ତଥ୍ୟକୁ ହିଁ ପ୍ରସାରଣ କରାଯାଉଛି। ଅନ୍ୟ ପକ୍ଷରେ ସୁନ୍ଦରଗଡ଼ ଜିଲା ପ୍ରଶାସନର ସରକାରୀ ୱେବ୍ ସାଇଟରେ ସେଠାକର ଖଣ୍ଡାଧାର ଜଳପ୍ରପାତକୁ ଓଡିଶାର ଉଚ୍ଚତମ ଜଳପ୍ରପାତ ରୂପେ ଅଭିହିତ କରି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ଦେଖାଯାଉଛି। ଏଭଳି ସ୍ଥିତିରେ ପର୍ଯ୍ୟଟକମାନଙ୍କ ପାଖକୁ ଶିମିଳିପାଳ ସମ୍ବନ୍ଧରେ ଭୁଲ ତଥ୍ୟ ପହଞ୍ଚିବା ସହ ଶିମିଳିପାଳର ଗୌରବ କ୍ଷୁର୍ଣ୍ଣ ହେଉଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ, ପ୍ରକୃତିପ୍ରେମୀ ଓ ଜିଲାବାସୀ ଅଭିଯୋଗ କରିଛନ୍ତି।

